## ଆଜି କ'ଣ କେଉଁଠି

ଗୋରଡ଼ା

- ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ – ପୂର୍ବତନ ସୈନିକ ସଂଘ କାର୍ଯ୍ୟାଳୟ, ସମୟ– ପୂର୍ବାହ୍ନ ୧୦ଟା।

# ଯାଞ୍ଚ ସତ୍ତ୍ୱେ ଖାଦ୍ୟ ଅପମିଶ୍ରଣ ବଢୁଛି

## ବିଭାଗରେ ଲାଇସେନ୍ସ ପ୍ରାପ୍ତ ଦୋକାନ ତଥ୍ୟ ନାହିଁ

ବ୍ରହ୍ମପୁର ଅଫିସ,୧୦।୧୨

ବ୍ରହ୍ମପୁର ସହରରେ ଫାଷ୍ଟଫୁଡ ଦୋକାନ, ହୋଟେଲ ଓ ରେଷ୍ଟୁରାଣ୍ଟ ଗୁଡିକରେ ଯାଞ୍ଚ ପ୍ରକ୍ରିୟା କୋହଳ ହେବା କାରଣରୁ ଖାଦ୍ୟ ଅପମିଶ୍ରଣ ହେଉଛି। ଏପରକି ଖାଦ୍ୟକୁ ଆକର୍ଷିତ କରିବା ପାଇଁ ରାସାୟନିକ ରଙ୍ଗ ବ୍ୟବହାର ମଧ୍ୟ ବୃଦ୍ଧି ପାଇଛି।

ସହରରେ ଖାଦ୍ୟ ଦୋକାନ ଗୁଡିକରେ ଯାଞ୍ଚ ନିମନ୍ତେ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ଖାଦ୍ୟ ସୁରକ୍ଷା ବିଭାଗରେ ୩ ଜଣ ଅଧିକାରୀ ରହିଛନ୍ତି। ଜଣେ ଅଧିକାରୀ ୱାର୍ଡ ନଂ ୧୦ରୁ ୧୫ ପର୍ଯ୍ୟନ୍ତ ଖାଦ୍ୟ ଯାଞ୍ଚ ନିମନ୍ତେ ଦାୟିତ୍ୱରେ ରହିଥିବା ବେଳେ ଅନ୍ୟଜଣେ ଅଧିକାରୀ ୱାର୍ଡ ନଂ୧୬ରୁ ୩୦ ଓ ଆଉ ଜଣେ ଅଧିକାରୀ ୱାର୍ଡ ନଂ ୩୧ରୁ ୪୨ ଅଞ୍ଚଳରେ ଖାଦ୍ୟ, ପଲିଥିନ ବ୍ୟବହାର ଓ ପାର୍କିଂ ବ୍ୟବସ୍ଥା ଆଦି ଯାଞ୍ଚ କରୁଛନ୍ତି। ବିଭିନ୍ନ ନିୟମ ଉଲ୍ଲଂଘନ ଖିଲାପ କରିଥିବା ୧୨ଟି ବ୍ୟବସାୟ ପ୍ରତିଷ୍ଠାନରୁ ପୂର୍ବରୁ ୯୨ ହଜାର ଟଙ୍କା ଜରିମାନା ମଧ୍ୟ ଆଦାୟ କରାଯାଇଥିଲା। ଏପରିକି କେତୋଟି ବଡ଼ ରେଷ୍ଟୁରାଣ୍ଟ ସିଲ କରାଯାଇଥିଲା। ଏହାକୁ ନେଇ ବହୁ ହୋଟେଲ ମାଲିକ ଜରିମାନା ଭୟରେ ରଙ୍ଗ ବ୍ୟବହାରରୁ ଦୂରେଇ ରହିଥିଲେ। ବିଭାଗୀୟ ଅଧିକାରୀଙ୍କ ଏଭଳି ପଦକ୍ଷେପକୁ ସହରବାସୀ ସ୍ୱାଗତ କରିଥିଲେ। ବର୍ତ୍ତମାନ ବିଏମସି ଖାଦ୍ୟ ସୁରକ୍ଷା ବିଭାଗର ଜଣେ ଅଧିକାରୀ କୌଣସି କାରଣରୁ ଅନୁପସ୍ଥିତ ରହିଥିବା ବେଳେ ଅନ୍ୟ ୨ ଜଣ ଅଧିକାରୀଙ୍କ ପକ୍ଷରୁ ଆଉ ସେଭଳି ଖାଦ୍ୟ ଯାଞ୍ଚ ହେଉନି। ଫଳରେ ହୋଟେଲ ଓ ରେଷ୍ଟୁରାଣ୍ଟ ମାଲିକମାନେ ପୂର୍ବଭଳି ଅପମିଶ୍ରିତ ଓ ରାସାୟନିକ ରଙ୍ଗ ମିଶ୍ରିତ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି। ଶତାଧିକ ଫାଷ୍ଟ ଫୁଡ ଦୋକାନରେ ରଙ୍ଗ ମିଶା ଖାଦ୍ୟ ବିକ୍ରି ହେଉଛି। ପରିତାପର ବିଷୟ ସହରରେ କେତେ ଲାଇସେନ୍ସ ପ୍ରାପ୍ତ ଫାଷ୍ଟଫୁଡ, ହୋଟେଲ କିମ୍ବା ରେଷ୍ଟୁରାଣ୍ଟ ରହିଛି, ସେ ସମ୍ବନ୍ଧରେ ତଥ୍ୟ ଦେଇପାରିବୁ ନାହିଁ ବୋଲି ଖାଦ୍ୟ ସୁରକ୍ଷା ବିଭାଗର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ବିଭାଗର ଜଣେ ଅଧିକାରୀ ସତ୍ୟଜିତ ବେହେରାଙ୍କୁ ଖାଦ୍ୟ ଯାଞ୍ଚ ବାବଦରେ ପଚାରିବାରେ ସେ କହିଛନ୍ତି, ପ୍ରତିଦିନ ଖାଦ୍ୟ ଯାଞ୍ଚ ପାଇଁ ଟିମ ଯାଉଛନ୍ତି। ଯେଉଁଠି ଅଭିଯୋଗ ଆସୁଛି, ସେ ସେଠାରେ ସଙ୍ଗେ ସଙ୍ଗେ ଚଢାଉ କରାଯାଇ ସଂପୃକ୍ତ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ସେ କହିଛନ୍ତି।


ଖାଦ୍ୟରେ ମିଶାଯାଇଥିବା ରାସାୟନିକ ରଙ୍ଗ।

## ରେଳଧାରଣାରୁ ଜବତ ୨ ମୃତଦେହ ପରିଚୟ ମିଳିଲା ପରିବାରକୁ ହସ୍ତାନ୍ତର

**ବ୍ରହ୍ମପୁର ଅଫିସ,୧୦।୧୨:** ସରକାରୀ ରେଳବାଇ ପୋଲିସ (ଜିଆର୍‌ପି) ଗତ ୮ ତାରିଖରେ ରେଳଧାରଣାର ପୃଥକ ସ୍ଥାନରୁ ଦୁଇ ଅଜଣା ଯୁବକଙ୍କ ମୃତଦେହ ଜବତ କରିଥିଲା। ମୃତଦେହଗୁଡିକ ଏମ୍‌କେସିଜିର ସଂରକ୍ଷଣ ଗୃହରେ ସଂରକ୍ଷିତ ରଖାଯାଇଥିଲା। ପୋଲିସ ଶନିବାର ଦୁଇ ମୃତକଙ୍କର ପରିଚୟ ସ୍ପଷ୍ଟ କରିଛି। ସେମାନଙ୍କ ମଧ୍ୟରୁ ଜଣେ ଆସାମର ନବୀନ ସାକିୟା (୨୭) ଓ ଅନ୍ୟ ଜଣଙ୍କ ପଶ୍ଚିମବଙ୍ଗର ମଦନ ଯାଦବ(୩୦)। ଉଭୟଙ୍କ ପରିବାର ଲୋକେ ଜିଆରପି ଥାନାରେ ପହଞ୍ଚିବା ପରେ ଶବ ସଂରକ୍ଷଣ ଗୃହକୁ ଯାଇ ନିଜ ସମ୍ପର୍କୀୟଙ୍କ ମୃତଦେହ ଚିହ୍ନଟ କରିଥିଲେ। ପରେ ମୃତଦେହ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗତ ୮ତାରିଖ ସକାଳେ ବ୍ରହ୍ମପୁର ରେଳଷ୍ଟେଶନ ୧ ନଂ. ପ୍ଲାଟଫର୍ମ ଇଚ୍ଛାପୁର ପଟ ରେଳଧାରଣାରୁ ସାକିୟାଙ୍କ ମୃତଦେହ ମିଳିଥିଲା। ପୋଲିସ ମୃତଦେହ ଜବତ କରି ନଂ.୧୦୩/୨୨ ରେ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। କୌଣସି ସୂତ୍ରରୁ ଖବର ପାଇ ମୃତକଙ୍କ ପରିବାର ଲୋକ ଶନିବାର ଜିଆରପି ଥାନାରେ ପହଞ୍ଚିବା ପରେ ମୃତଦେହ ସଂରକ୍ଷଣ ଗୃହକୁ ଯାଇ ସାକିୟାଙ୍କୁ ଚିହ୍ନଟ କରିଥିଲେ। ଅନ୍ୟପଟେ ସେହି ସନ୍ଧ୍ୟାରେ ରମ୍ଭା ରେଳଷ୍ଟେଶନ ନିକଟ ରେଳଧାରଣାରୁ ମଦନଙ୍କ ମୃତଦେହ ପୋଲିସ ଜବତ କରିଥିଲା। ମୃତକଙ୍କ ପକେଟରୁ ମିଳିଥିବା ଏକ କାଗଜରେ ଲେଖାଥିବା କିଛି ନମ୍ବରକୁ ଫୋନ କରି ପୋଲିସ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲା।

## ସଂଘବଦ୍ଧ ଆକ୍ରମଣ ମାମଲା, ୪ କୋର୍ଟଚାଲାଣ

ଗୋପାଳପୁର,୧୦।୧୨(ଡି.ଏନ.ଏ.): ଗୋଳନ୍ଥରା ଥାନା ଅନ୍ତର୍ଗତ ଚାନ୍ଦପୁର ଗାଁରେ ଜଣେ ଯୁବକଙ୍କ ଘରେ ପଶି ସଂଘବଦ୍ଧ ଆକ୍ରମଣ କରିବା ସହ ସ୍ତ୍ରୀଙ୍କୁ ଅସଦାଚରଣ କରିବା ଘଟଣାରେ ଗୋଳନ୍ଥରା ଥାନା ପୋଲିସ ଶନିବାର ଚାରି ଜେଲ ଫେର'ାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗୋଳନ୍ଥରା ଥାନା ଅଧୀନ ଆରୁଆ ସୁନାପୁର ଗାଁର ଆଦତ୍ୟ ନାୟକ ଓରଫ ମାଧବ, ଚାନ୍ଦପୁରର ଏସ. ହୃଷିକେଶ ରାଓ, ଧୀର ଦାସ ଏବଂ ରାଜେନ୍ଦ୍ର ଦାସ ଓରଫ ସିଲିପି । ଗତ ନଭେମ୍ବର ୧୩ ତାରିଖ ଅପରାହ୍ନରେ ହୃଷିକେଶ, ଆଦିତ୍ୟ, ଧୀର, ରାଜେନ୍ଦ୍ରଙ୍କ ସହ ଅନ୍ୟ ଦୁଇ ଯୁବକ ଚାନ୍ଦପୁର ଗାଁର ଏସ. ଶିବା ରାଓଙ୍କ ଘରେ ପଶି ତାଙ୍କୁ ରଡ଼ରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିସହ ତାଙ୍କ ସ୍ତ୍ରୀଙ୍କୁ ଅସଦାଚରଣ କରି ଘର ଉପରକୁ ଟେକା ପଥର ମାଡ଼ କରିଥିବା ନେଇ ଶିବା ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୪୧୬/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଘଟଣାରେ ସମ୍ପୃକ୍ତ ଥିବା ୬ ଅଭିଯୁକ୍ତ ଫେରାର ଥିବା ବେଳେ ଗତ ନଭେମ୍ବର ୧୪ ସମ୍ପୃକ୍ତ ଯୁବକ ମାନେ ଅନ୍ୟ କିଛି ଅସାମାଜିକ ଯୁବକଙ୍କ ସହ ମିଶି ଟାମଣା ଘାଟି ନିକଟରେ ଡକାୟତି ଉଦ୍ୟମ କରୁଥିବା ବେଳେ ଗୋଳନ୍ଥରା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଶନିବାର ସମ୍ପୃକ୍ତ ଯୁବକମାନେ କୋର୍ଟରୁ ଜାମିନ ପାଇ ଚାରି ଜଣ ଗାଁକୁ ଆସୁଥିବା ବେଳେ ଗୋଳନ୍ଥରା ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

## ଟିବିମୁକ୍ତ ବାଲିପଡ଼ା କରିବାକୁ ଶପଥ

**କୁକୁଡ଼ାଖଣ୍ଡି,୧୦।୧୨(ଡି.ଏନ୍‌ଏ):** କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ବାଲିପଡ଼ା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପରିସରରେ ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ଜ୍ଞାନରଞ୍ଜନ ଜେନାଙ୍କ ପୌରୋହିତ୍ୟରେ ଶନିବାର ପ୍ରଧାନମନ୍ତ୍ରୀ ଟିବିମୁକ୍ତ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ବାଲିପଡ଼ା ସରପଞ୍ଚ ଝିଲି ସେଠୀ ଉପସ୍ଥିତ ରହି ଟିବି ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ବଣ୍ଟନ ସହ ବାଲିପଡ଼ା ପଞ୍ଚାୟତକୁ ଟିବିମୁକ୍ତ କରିବାକୁ ଶପଥ ନେଇଥିଲେ। ଏହି ଅବସରରେ ସାମାଜିକ କର୍ମୀ ଦେବୀପ୍ରସାଦ ଗୌଡ଼ ଯକ୍ଷ୍ମା ରୋଗୀଙ୍କ ପୋଷଣ କାର୍ଯ୍ୟରେ ସହଯୋଗ କରିବାର ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକର୍ମୀ ଦିଦି ଗୀତାଞ୍ଜଳି ସାହୁ, ଯୁବନେତା ଜିତେନ୍ଦ୍ର ସେଠୀ, ପଙ୍କଜ ଦେବୀ, ଷ୍ଟାଫ ନର୍ସରେ ରେଣୁବାଳା ବେହେରାଙ୍କ ସମେତ ବହୁ ଗ୍ରାମବାସୀ ସାମିଲ ହୋଇଥିଲେ।

# ବୁଢ଼ୀ ଠାକୁରାଣୀ ମନ୍ଦିର ଉନ୍ନତୀକରଣ ହେବ


ବୁଢ଼ୀ ଠାକୁରାଣୀ ମନ୍ଦିର ପରିସରରେ ବ୍ରହ୍ମପୁର ମେୟର, କମିଶନର, ବିଧାୟକ ଓ ଅନ୍ୟମାନେ।

ବ୍ରହ୍ମପୁର ଅଫିସ,୧୦।୧୨

ବ୍ରହ୍ମପୁରର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀ ମନ୍ଦିର ଉନ୍ନତୀକରଣ ନେଇ ଶନିବାର ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ.ବିବେକ ରେଡ୍ଡୀ, ବିଏମସି କମିଶନର ଜେ.ସୋନାଲ ଓ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ମନ୍ଦିର ଉନ୍ନତୀକରଣ ନକ୍ସା ଦେଖିବା ସହ ସ୍ଥାନୀୟ କର୍ପୋରେଟର, ବାସିନ୍ଦା ଓ ମନ୍ଦିର ପରିଚାଳନା କମିଟି ସହ ଆଲୋଚନା କରିଥିଲେ। ମନ୍ଦିର ଚର୍ତୁପାର୍ଶ୍ୱରେ ଜବରଦଖଲ ଉଚ୍ଛେଦ ହେବା ଦ୍ୱାରା ୩୦ଟି ପରିବାର ପ୍ରଭାବିତ ହେବେ। ତେଣୁ ସରକାରୀ ଜାଗାରେ ୩ ମହଲା ବିଶିଷ୍ଟ କୋଠା ନିର୍ମାଣ କରାଯାଇ ଉକ୍ତ ପରିବାରଗୁଡିକୁ ସେଠାରେ ଥଇଥାନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ମନ୍ଦିର ସୌନ୍ଦର୍ଯ୍ୟକରଣ ସମୟରେ ଯେଭଳି ସ୍ଥାନୀୟ ବାସିନ୍ଦା ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ସୂଚନା ମିଳିଛି। ଏଥିସହ ମନ୍ଦିର ପାର୍ଶ୍ୱରେ ରହିଥିବା ପୂଜା ସାମଗ୍ରୀ ଦୋକାନୀକୁ ମନ୍ଦିର ବେଢା ମଧ୍ୟରେ ଓ ମନ୍ଦିର ମଧ୍ୟରେ ଦୋକାନ ଗୃହ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ମନ୍ଦିର ପରିସରରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ନେଇ ଯୋଜନା କରାଯାଇଛି। ମନ୍ଦିର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ପାଇଁ ଆରକିଟେକଚର ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତିକୁ ବିଭାଗକୁ ନକ୍ସା ପଠାଯିବ ବୋଲି ଜଣାପଡିଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କମିଶନର ନୀଳମାଧବ ଭୋଇ, ଡେପୁଟି କମିଶନର ବିନୋଦ କୁମାର ବେହେରାଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

## ୪ ମାସ ପରେ ବି ରିପୋର୍ଟ ଆସିଲାନି

### ଏମ୍‌କେସିଜିରେ ଇଞ୍ଜେକ୍ସନ୍ ନେବା ପରେ ଅସୁସ୍ଥ ଘଟଣା

ବ୍ରହ୍ମପୁର ଅଫିସ,୧୦।୧୨

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ବଡ଼ ଡାକ୍ତରଖାନାରେ ଇଞ୍ଜେକ୍ସନ୍ ଦିଆଯିବା ପରେ କିଛି ରୋଗୀ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ସେମାନଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଥିବାରୁ ରୋଗୀ ଧୀରେ ଧୀରେ ସୁସ୍ଥ ହୋଇଥିଲେ। ସେହିଦିନ ଦିଆଯାଇଥିବା ଇଞ୍ଜେକ୍ସନ୍ ଯୋଗୁ ଏଭଳି ହୋଇଥିବା ରୋଗୀ ସମ୍ପର୍କୀୟ ଅଭିଯୋଗ କରିଥିଲେ। ଘଟଣା ପରେ ଏମ୍‌କେସିଜି କର୍ତ୍ତୃପକ୍ଷ ଉକ୍ତ ଇଞ୍ଜେକ୍ସନକୁ ବନ୍ଦ କରିଥିଲେ। ୱାର୍ଡ଼ରେ ଥିବା ସମସ୍ତ ଇଞ୍ଜେକ୍ସନ୍ ଫେରାଇ ନିଆଯାଇଥିଲା। ରୋଗୀଙ୍କ ଅସୁସ୍ଥତାର କାରଣ ଜାଣିବା ପାଇଁ ଏମକେସିଜି କର୍ତ୍ତୃପକ୍ଷ ଇଞ୍ଜେକ୍ସନ୍‌ର ନମୁନା ପରୀକ୍ଷା ପାଇଁ ପଠାଇଥିଲେ। କୋଲକାତାରେ ଥିବା ସେଣ୍ଟ୍ରାଲ୍ ଡ୍ରଗ୍ ଟେଷ୍ଟିଂ ଲାବରୋଟାରିକୁ ଏହି ନମୁନା ପଠାଯାଇଥିଲା। ତେବେ ୪ମାସ ବିତିଥିଲେ ରିପୋର୍ଟ ଆସିନାହିଁ। ଫଳରେ ରୋଗୀ କାହିଁକି ଅସୁସ୍ଥ ହୋଇଥିଲେ ତା'ର ସ୍ପଷ୍ଟ କାରଣ ମଧ୍ୟ ଜଣାପଡୁନାହିଁ।

ପ୍ରକାଶ ଯେ, ଗତ ଜୁଲାଇ ୨୯ତାରିଖରେ ଏମକେସିଜି ବଡ଼ ଡାକ୍ତରଖାନା ମେଡିସନ୍ ୱାର୍ଡ଼ ଇନଡୋର୍ (ପୁରୁଷ)ରେ ଚିକିତ୍ସିତ ହେଉଥିବା ୨୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ କିଛି ଔଷଧ ଦେଇ ଆଣ୍ଟିବାୟୋଟିକ୍ ଇଞ୍ଜେକ୍ସନ୍ ଦିଆଯାଇଥିଲା। ଇଞ୍ଜେକ୍ସନ୍ ଦେବାର କିଛି ସମୟ ପରେ ରୋଗୀମାନେ ହଠାତ୍ ଅସୁସ୍ଥ ହୋଇପଡ଼ିବା ସହ ଥରିବାକୁ ଆରମ୍ଭ କରିଥିଲେ। ରୋଗୀଙ୍କ ସ୍ଥିତିରେ ଅଚାନକ ପରିବର୍ତ୍ତନକୁ ଦେଖି ସମ୍ପର୍କୀୟମାନେ ଭୟଭୀତ ହୋଇପଡ଼ିବା ସହ ପାଟିତୁଣ୍ଡ ଆରମ୍ଭ କରି ଦେଇଥିଲେ। ଖବରପାଇ ବିଭାଗୀୟ ମୁଖ୍ୟ, ଏମକେସିଜି ବଡ଼ ଡାକ୍ତରଖାନା ଅଧୀକ୍ଷକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ତୁରନ୍ତ ରୋଗୀଙ୍କ ଚିକିତ୍ସା ଆରମ୍ଭ କରାଯାଇଥିଲା। କିଛି ସମୟ ପରେ ଧୀରେ ଧୀରେ ରୋଗୀମାନେ ସୁସ୍ଥ ହୋଇଥିଲେ। ସେହିଦିନ ଠାରୁ ବଡ଼ ଡାକ୍ତରଖାନା କର୍ତ୍ତୃପକ୍ଷ ସେହି ବ୍ୟାଚର ଇଞ୍ଜେକ୍ସନ୍ ବନ୍ଦ କରି ଦେଇଛନ୍ତି। କିନ୍ତୁ ରିପୋର୍ଟ ଆସୁ ନଥିବାରୁ କିଛି ସ୍ପଷ୍ଟ ହୋଇପାରୁ ନାହିଁ। ରୋଗୀଙ୍କ ଅସୁସ୍ଥତା ପଛରେ ଇଞ୍ଜେକ୍ସନ୍ ଦାୟୀ ନା ଅନ୍ୟ କିଛି କାରଣ ରହିଛି, ତାହା ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ। ବର୍ତ୍ତମାନ ସୁଦ୍ଧା ନମୂନାର ରିପୋର୍ଟ ଆସି ନ ଥିବା ଡ୍ରଗ୍ ଇନ୍ସପେକ୍ଟର୍ ଦେବାଶିଷ କାଲୋ କହିଛନ୍ତି।

# ଅନ୍ତର୍ଜାତୀୟ ମାନବ ଅଧିକାର ଦିବସ

ବ୍ରହ୍ମପୁର ଅଫିସ,୧୦।୧୨

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ଓ ଅର୍ଥନୀତି ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ମାନବ ଅଧିକାର ଦିବସ ଶନିବାର ପାଳିତ ହୋଇଛି। ଏଥିରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଅଧ୍ୟକ୍ଷତା କରିଥିଲେ। ଭାରପ୍ରାପ୍ତ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ପୁଷ୍ପାଞ୍ଜଳି ସାମନ୍ତରା ଉପସ୍ଥିତ ଥିଲେ। କୁକୁଡ଼ାଖଣ୍ଡି ତହସିଲଦାର କଲ୍ୟାଣୀ ସଂଘମିତ୍ରା ଦେବୀ ମୁଖ୍ୟ ଅତିଥି, ପୂର୍ବତନ ରାଜନୀତି ବିଜ୍ଞାନ ଅଧ୍ୟାପକ ପ୍ରଫେସର ବିଷ୍ଣୁଚରଣ ଚୌଧୁରୀ ମୁଖ୍ୟବକ୍ତା, ପ୍ରଫେସର ଅମିୟ କୁମାର ପରିଚ୍ଛା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଇତିହାସ ବିଭାଗର ମୁଖ୍ୟ ପ୍ରଫେସର ସଦାନନ୍ଦ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥି ଓ ଅଧ୍ୟାପିକା ଅଧ୍ୟାପକମାନେ ମାନବ ଅଧିକାର ଦିବସ ପାଳନର ଇତିହାସ ଏହାର କାର୍ଯ୍ୟଶୈଳୀ ସମ୍ପର୍କରେ ଆଲୋଚନା କରିଥିଲେ। ମାନବ ସୁରକ୍ଷା ନିମନ୍ତେ ମାନବ ଅଧିକାର କମିଶନ ପକ୍ଷରୁ ଜାରି ହୋଇଥିବା ଆଇନ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ରାଜନୀତି ବିଜ୍ଞାନ ବିଭାର ଅଧ୍ୟାପକ ସଞ୍ଜୟ ମେହେର ଓ ଅନ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ମାନବବାଦୀ ହେତୁବାଦୀ ସଂଗଠନ, ମାନବ ଅଧିକାର ସୁରକ୍ଷା ମଞ୍ଚ ଓ ଇଣ୍ଡିଆନ ଫେଡେରେଶନ ପକ୍ଷରୁ କମାପଲୀଠାରେ ବିଶ୍ୱ ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି। ଏଥିରେ ଇ. ତେଜେଶ୍ୱର ରାଓ, ଅବନୀ ଗୟା ଓ ପ୍ରତାପ ଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମାନବବାଦୀ ହେତୁବାଦୀ ସଂଗଠନର ଜିଲା ସଂପାଦକ କେ.ନାଦେଶ୍ବୁ ସେନାପତି ଦିବସର ମହତ୍ତ୍ୱ ସମ୍ପର୍କରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ସାମନ୍ତରା, କିଶୋର ଚନ୍ଦ୍ର ମିଶ୍ର, ପ୍ରତାପ ଚୌଧୁରୀ, ଡି.ମୋହନ ରାଓ, ଭାଲଚନ୍ଦ୍ର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।



ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମ ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com


@ ବାପି


@ ଶୁଭମ


@ ରବୀନ୍ଦ୍ର


@ରଶ୍ମିକାନ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମହିଳା ହିଂସା ରୋକିବାକୁ ସଚେତନତା ଜରୁରୀ

ବ୍ରହ୍ମପୁର ଅଫିସ,୧୦।୧୨

ହିଂସା ମୁକ୍ତ ମହିଳା ସାମାଜ ଗଠନ ନିମନ୍ତେ ଗଞ୍ଜାମ ବ୍ଲକ କଲ୍ୟାଣପୁରରେ ଆଇଏସଆରଡ଼ି ଓ ସଖୀ ତରଫରୁ ଏକ ପ୍ରଶିକ୍ଷଣ ଶିବିର କରାଯାଇଥିଲା। ୮୦ରୁ ଅଧିକ ଯୁବତୀ ଯୁବକ ଶିବିରରେ ଯୋଗଦେଇ ଘରୋଇ ହିଂସା, ନାରୀ ନିର୍ଯାତନା ଏବଂ ଲିଙ୍ଗଭିତ୍ତିକ ହିଂସା ବିରୋଧରେ ସଚେତନତା ସୃଷ୍ଟି ନିମନ୍ତେ ପ୍ରଶିକ୍ଷଣ ନେଇଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ମହିଳା ସୁରକ୍ଷା ଅଧିକାରୀ ସଙ୍ଗୀତା ପାତ୍ର ଯୋଗଦେଇ ନାରୀ ନିର୍ଯାତନା ଓ ଘରୋଇ ହିଂସା କିପରି ରୋକାଯାଇପାରିବ ସେ ଉପରେ ଆଲୋକପାତ କରିଥିଲେ। ୱାନ ଷ୍ଟପ ସେଣ୍ଟର (ସଖୀ)ର ମୁଖ୍ୟ ପରିଚାଳିକା ମହାଶ୍ୱେତା ପାଢୀ ଲିଙ୍ଗ ଭିତ୍ତିକ ହିଂସା ରୋକିବା ପାଇଁ ଲୋକଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଲାଗି ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଆର୍ଟ ଅଫ ଲିଭିଂ ଶିବିରର ପରିଚାଳକ କୃଷ୍ଣ ମହାପାତ୍ର ଯୋଗ ଦେଇଥିଲେ। ସଖୀ କେନ୍ଦ୍ରର ଆଇନଗତ ପରାମର୍ଶଦାତ୍ରୀ ସ୍ନେହାମୟୀ ପାଢୀ ପାୱାର ପଏଣ୍ଟ ଆଇନ ବ୍ୟବସ୍ଥା ଉପରେ ପ୍ରଶିକ୍ଷାର୍ଥୀ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ମହାଶ୍ୱେତା ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଅର୍ଥନୀତି ବିଭାଗ ସୁବର୍ଣ୍ଣ ଜୟନ୍ତୀ



ଅର୍ଥନୀତି ବିଭାଗ ସୁବର୍ଣ୍ଣ ଜୟନ୍ତୀରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର ଅଫିସ,୧୦।୧୨

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମ ଶନିବାର ନୂତନ କନଫରେନ ହଲଠାରେ ଉଦଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ, ଫକିରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମାର ବର ଦାସ ମୁଖ୍ୟ ଅତିଥି, ପ୍ରଫେସର କିଶୋର ଚନ୍ଦ୍ର ସାମଲ ମୁଖ୍ୟବକ୍ତା ଏବଂ ଡ଼ଃ ଅମ୍ବିକା ପ୍ରସାଦ ନନ୍ଦ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ପ୍ରଫେସର ସୁଧାକର ପାତ୍ର ଓ ଡ. ମୃତ୍ୟୁଞ୍ଜୟ ସ୍ୱାଇଁ ଯୋଗଦେଇ ନିଜ ନିଜର ମତ ପ୍ରକାଶ କରିଥିଲେ। ଏହି ଅବସରରେ ଦକ୍ଷିଣ ଓଡ଼ିଶାରେ କୃଷି ଏବଂ କୃଷକ ସଶକ୍ତୀକରଣ ଉପରେ ଆଲୋଚନା ହୋଇଥିଲା। ସୁବର୍ଣ୍ଣ ଜୟନ୍ତୀ ଅବସରରେ ବିଭାଗ ପକ୍ଷରୁ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମକୁ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରୀ ଅପର୍ଣ୍ଣା ନନ୍ଦ ଏବଂ ରୋଜାଲିନ ବେହେରା ପରିଚାଳନା କରିଥିଲେ।

## 'ପ୍ରୀତି ପାର୍ବଣର ଶିଖା' ଲୋକାର୍ପିତ

ବ୍ରହ୍ମପୁର ଅଫିସ,୧୦।୧୨

ବର୍ଷୀୟାନ୍ କବି ଡ. କୈଳାସ ଚନ୍ଦ୍ର ତ୍ରିପାଠୀଙ୍କ ରଚିତ ସପ୍ତମ ଗୀତିଧର୍ମୀ କବିତା ସଂକଳନ 'ପ୍ରୀତି ପାର୍ବଣର ଶିଖା' ଉତ୍କଳ ଆଶ୍ରମ ସଭାଗୃହରେ ଲୋକାର୍ପିତ ହୋଇଛି। ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. କାହ୍ନୁଚରଣ ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତୁରା ରାମନାରାୟଣ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଡ. ବନମାଳୀ ପାଣିଗ୍ରାହୀ ବିଶିଷ୍ଟ ଅତିଥି, ମହାମାୟୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. କୃଷ୍ଣପ୍ରସାଦ ମହାପାତ୍ର ସମ୍ମାନିତ ଅତିଥି ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝା ସମୀକ୍ଷକ ରୂପେ ଯୋଗ ଦେଇଥିଲେ। ପ୍ରୀତି ପାର୍ବଣର ଶିଖା ମାନବୀୟ ପ୍ରେମର ଏକ ସାର୍ଥକ ଉପଲବ୍ଧି ବୋଲି ଅତିଥିମାନେ କହିଥିଲେ। ସଂକଳନର କବି ଡ. କୈଳାସ ଚନ୍ଦ୍ର ତ୍ରିପାଠୀ ଲେଖକୀୟ ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଉପନିର୍ଦ୍ଦେଶକ ସୁଶାନ୍ତ ଦାଶଙ୍କ ସମେତ ଡ. ସୂଚନା ପାଢ଼ୀ, ନୀଳକଣ୍ଠ ସାହୁ, କିରଣବାଳା ମିଶ୍ର, ଦେବୀପ୍ରସାଦ ମହାପାତ୍ର, ସ୍ୱର୍ଣ୍ଣମୟୀ ପାଢ଼ୀ, ବନ୍ଦନା ମିଶ୍ର, ପଦ୍ମିନୀ ମିଶ୍ର, ଜ୍ୟୋତ୍ସ୍ନାରାଣୀ ଦେବୀ ପ୍ରମୁଖ ପ୍ରୀତି ପାର୍ବଣର ଶିଖା ସଂକଳନରୁ କବିତା ଆବୃତ୍ତି କରିଥିଲେ।

# ବିଦ୍ୟୁତ୍ ଉପଭୋକ୍ତାଙ୍କ ସମସ୍ୟା ବୁଝିବ ସମ୍ପର୍କ କେନ୍ଦ୍ର

ବ୍ରହ୍ମପୁର ଅଫିସ,୧୦।୧୨

ଗ୍ରାମାଞ୍ଚଳରେ ସମସ୍ତ ପ୍ରକାର ବିଦ୍ୟୁତ ସଂପର୍କିତ ସମସ୍ୟାର ସମାଧାନ ଗୋଟିଏ ସ୍ଥାନରେ କରିବା ପାଇଁ ଟିପି ସଦର୍ଣ୍ଣ ଓଡିଶା ଲିମିଟେଡ (ଟିପିଏସ୍‌ଓଡିଏଲ) ସମ୍ପର୍କ କେନ୍ଦ୍ର କରୁଛି। ବ୍ରହ୍ମପୁର ବିଦ୍ୟୁତ ଡିଭିଜନ–୨ ଓ ହିଞ୍ଜିଳିକାଟୁ ଡିଭିଜନରେ ଏହି କାର୍ଯ୍ୟ ସଫଳତାର ସହ ସମ୍ପାଦିତ ହୋଇଛି। ଟିପିଏସଓଡିଏଲ ସମସ୍ତ ଗ୍ରାମୀଣ ଏଫସିସିକୁ ସମ୍ପର୍କ କେନ୍ଦ୍ରରେ ପରିଣତ କରିବ। ଗ୍ରାମୀଣ ସେବା ପ୍ରଦାନରେ ସମ୍ପର୍କ କେନ୍ଦ୍ର ଗୁଡିକ ପରିବର୍ତ୍ତନକାରୀ ଭୂମିକା ତୁଲାଇବେ। ବିଦ୍ୟୁତ ବିଲ ପୈଠ ସମସ୍ୟା, ବିବାଦୀୟ ବିଲର ଫଇସଲା, ଯୋଗାଯୋଗ ନଂ ଓ ଇ–ମେଲ ଠିକଣା ଅପଡେଟ, ନୂଆ ସଂଯୋଗ ବିଷୟରେ ସୂଚନା ଓ ବକେୟାର ସ୍ୱଟ ଇଲେକ୍ସନ ଏବଂ ମିଟର ନ ଥିବା ସଂଯୋଗର ନିୟମିତକରଣ, ବାଣିଜ୍ୟିକ ଅଭିଯୋଗ ଦାଖଲ ଆଦି ସମସ୍ୟାର ସମାଧାନ ପାଇଁ ଗ୍ରାହକମାନେ ସମ୍ପର୍କ କେନ୍ଦ୍ରକୁ ଆସିପାରିବେ। ଏହି ପ୍ରକ୍ରିୟାକୁ ଅଧିକ ସହଜ କରିବା ପାଇଁ ଗ୍ରାହକମାନେ ସେମାନଙ୍କ ଅଭିଯୋଗ ପାଇଁ ୨୪ ଘଣ୍ଟିଆ ଦେୟମୁକ୍ତ ନଂ–୧୯୧୨ କିମ୍ବା ୧୮୦୦୩୪୫୬୭୯୭ରେ ଯୋଗାଯୋଗ କରିପାରିବେ। ଏଥିସହ ନୂତନ ସଂଯୋଗ ପାଇଁ ୭୦୦୮୮୦୮୮୮ରେ ମିସଡ କଲ କରିପାରିବେ ବୋଲି ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅରବିନ୍ଦ ସହି ସୂଚନା ଦେଇଛନ୍ତି।



ଟିପିଏସଓଡିଏଲର ସମ୍ପର୍କ କେନ୍ଦ୍ର।

## ସଂକ୍ଷେପରେ

### ଖେମୁଣ୍ଡି କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗର ପାଠଚକ୍ର

ଦିଗପହଣ୍ଡି,୧୦।୧୨(ଡି.ଏନ.ଏ.)– ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଗୋପୀନାଥ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ପାଠଚକ୍ରକୁ କଲେଜ ଅଧ୍ୟକ୍ଷ ଅନୁପ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ଜେନେଟିକ୍ ଏବଂ ପ୍ଲାଣ୍ଟ ବ୍ରିଡିଂ ଶୀର୍ଷକ ପାଠଚକ୍ର ଉପରେ ଆଲୋକପାତ କରାଯାଇଥିଲା। ବିଭାଗୀୟ ଛାତ୍ର ନାରାୟଣ ଜେନା, ଶୁଭମ ସାହୁ, ଆଦିତ୍ୟ ସାହୁ ଏବଂ ଶିବ ରେଡ଼ି ପ୍ରମୁଖ ସ୍ୱଲିଖିତ ସନ୍ଦର୍ଭ ପାଠ କରିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ଅବିନାଶ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଶୁତୋଷ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଚାରୀ ଚିତ୍ତରଞ୍ଜନ ଗୌଡ଼ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା।

### ବିରଞ୍ଚି ନାରାୟଣ ଓ ସୂର୍ଯ୍ୟ ଉପାସନା ପୁସ୍ତକ ଉନ୍ମୋଚିତ

ବୁଗୁଡ଼ା,୧୦।୧୨(ଡି.ଏନ.ଏ.)–ବୁଗୁଡା ବ୍ଲକ ଅନ୍ତର୍ଗତ ଖୋଳଖାଳି ଗ୍ରାମଠାରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସାହିତ୍ୟ ସଂସଦ ଅନୁଷ୍ଠାନର ସମ୍ପାଦକ କାମରାଜୁ ସାହାଣୀଙ୍କ ପୌରୋହିତ୍ୟରେ 'ଭଞ୍ଜ ସାହିତ୍ୟରେ ନାରୀର ସ୍ଥାନ' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ରୂପେ ଶିକ୍ଷାବିତ୍ ରଘୁନାଥ ସାହୁ, ମୁଖ୍ୟ ଅତିଥି ଭାବେ ଗବେଷକ ଡ. ବ୍ରଜକିଶୋର ପାଢ଼ୀ, ମୁଖ୍ୟବକ୍ତା ରୂପେ ଅଧ୍ୟାପକ ବିଭୂତି ଭୂଷଣ ମିଶ୍ର, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧ୍ୟାପକ ଚିତ୍ତରଞ୍ଜନ ଦାସ ଓ ଅଧ୍ୟାପକ ମୃତ୍ୟୁଞ୍ଜୟ ବାଡତ୍ୟା ଯୋଗଦାନ କରିଥିଲେ। ବୁଗୁଡ଼ାର ଅକ୍ଷୟ କୀର୍ତ୍ତିରାଜି ଶ୍ରୀ ବିରଞ୍ଚି ନାରାୟଣ ଓ ସୂର୍ଯ୍ୟ ଉପାସନା ସମ୍ପର୍କିତ କାମରାଜୁ ସାହାଣୀଙ୍କ ରଚିତ ପୁସ୍ତକ ଉନ୍ମୋଚନ ହୋଇଥିଲା। କାର୍ଯ୍ୟକ୍ରମରେ ବହୁ କବି ଓ ସାହିତ୍ୟିକ ଯୋଗଦେଇଥିଲେ। ଶେଷରେ ପ୍ରଧାନଶିକ୍ଷକ ରବୀନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

### କଳାପରିଷଦ ସଭାପତିଙ୍କ ବିୟୋଗରେ ଶୋକସଭା

ପାରଳାଖେମୁଣ୍ଡି,୧୦।୧୨(ଡି.ଏନ୍.ଏ.)– ପାରଳାଖେମୁଣ୍ଡିର କବିଚନ୍ଦ୍ର ସାହିସ୍ଥିତ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଗଜପତି କଳାପରିଷଦର ସଭାପତି ବିନ୍ଧ୍ୟପ୍ରସାଦ ପାଢ଼ୀଙ୍କ ବିୟୋଗରେ ବିଭିନ୍ନ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଏକ ସ୍ମୃତିଚାରଣ ତଥା ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଯୁବ ମଞ୍ଚ କଳାକାର ଆଦର୍ଶ ଦାସଙ୍କ ସଭାପତିତ୍ୱରେ ସ୍ୱର୍ଗତ ପାଢ଼ୀଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ପାଢ଼ୀ ଜଣେ ମଞ୍ଚ ଅଭିନେତା, କଣ୍ଠ ଶିଳ୍ପୀ ଥିଲେଞ୍। ପାରିବାରିକ ସମସ୍ୟା ସତ୍ତ୍ୱେ ଗଜପତି କଳା ପରିଷଦ ଅନୁଷ୍ଠାନ ଗଢି ଗୁରୁ ନୃସିଂହ ପ୍ରସାଦ ପାଢ଼ୀଙ୍କ ମାଧ୍ୟମରେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିପାରୁଥିଲେ। ହଠାତ୍ ଯୁବ ବୟସରେ ପରଲୋକ ଗମନ କଳାକାର ଜଗତରେ ଶୋକର ଛାୟା ଖେଳାଇ ଦେଇଥିବା ବକ୍ତାମାନେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପରିଷଦର ସମ୍ପାଦକ ବିଜୟ ପ୍ରଧାନ, ମମତା ପାଢ଼ୀ, ଭକ୍ତି ସଙ୍ଗୀତ ସଂସଦ ପୂର୍ଣ୍ଣଚନ୍ଦ୍ର ରଥ, କବି ବିଚିତ୍ରାନନ୍ଦ ବେବର୍ତ୍ତା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ତାରାତାରିଣୀରୁ ମୁହଁ ଫେରାଉଛନ୍ତି ପର୍ଯ୍ୟଟକ

## ଫେଲ ମାରିଛି ସ୍ୱଚ୍ଛ ଭାରତ ମିଶନ

ପୁରୁଷୋତ୍ତମପୁର,୧୦।୧୨(ଡି.ଏନ୍.ଏ.)

ଗଞ୍ଜାମ ଜିଲା ତଥା ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଇଷ୍ଟଦେବୀ ମା' ତାରାତାରିଣୀ ପୀଠଟି ଏକ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ଭାବରେ ପରିଚିତ ହୋଇଥିବା ହେତୁ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ଏହି ତାରାତାରିଣୀ ପୀଠକୁ କିଭଳି ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧିପାଇବ ସେ ନେଇ ରାଜ୍ୟ ସରକାର ଗୁରୁତ୍ୱ ଦେଇ କୋଟି କୋଟି ଟଙ୍କା ବ୍ୟୟ କରି ମନ୍ଦିରକୁ ନବକଳେବର କରିବା ସାଙ୍ଗକୁ ଚତୁପାର୍ଶ୍ୱରେ ଉନ୍ନୟନମୂଳକ କାର୍ଯ୍ୟ କରିବାରେ ଲାଗିପଡ଼ିଛନ୍ତି। ବର୍ତ୍ତମାନ ପିକ୍‌ନିକ ଋତୁ ହୋଇଥିବା ହେତୁ ପ୍ରତ୍ୟହ ଶହଶହ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସି ମା' ତାରାତାରିଣୀଙ୍କ ଦର୍ଶନ କରିବା ସାଙ୍ଗକୁ ପାହାଡ଼ ପାଦଦେଶରେ ଥିବା ମନୋରମପୂର୍ଣ୍ଣ ଜଙ୍ଗଲର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ସେଠାରେ ବଣଭୋଜି କରି ଖାଇପିଇ ମଜା ଉଠାଇବାରେ ଲାଗିଛନ୍ତି। ହେଲେ ଏହି ଜଙ୍ଗଲର ପରିବେଶ ସମ୍ପୂର୍ଣ୍ଣ ରୂପେ ଅପରିଷ୍କାର ହୋଇ ପଡିରହିଥିବା ବେଳେ ଏହାକୁ ସଫା ସୁତରା କରିବା ଲାଗି ପ୍ରଶାସନ ପକ୍ଷରୁ ଆଦୌ ଗୁରୁତ୍ୱ ଦିଆଯାଉନାହିଁ। କୁଢ କୁଢ ଆବର୍ଜନା ପଡ଼ି ସମ୍ପୂର୍ଣ୍ଣ ଦୂଷିତ ପରିବେଶ ସୃଷ୍ଟିହୋଇଛି। ଫଳରେ ଆସୁଥିବା ପର୍ଯ୍ୟଟକମାନେ ମୁହଁ ଫେରାଇ ଚାଲିଯାଉଛନ୍ତି। ସରକାର ସ୍ୱଚ୍ଛ ଭାରତ ମିଶନର ନାରା ଦେଇ କୋଟି କୋଟି ଟଙ୍କା ସଫେଇ ବାବଦରେ ଖର୍ଚ୍ଚ କରିବାରେ ଲାଗିଥିବା ବେଳେ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ସମ୍ପୂର୍ଣ୍ଣ ପ୍ରଦୂଷିତ ହେବା ଚିନ୍ତାର ବିଷୟ ପାଲଟିଛି। ତୁରନ୍ତ ଏଥିପ୍ରତି ଗଞ୍ଜାମ ଜିଲାପାଳ ଓ ପର୍ଯ୍ୟଟନ ବିଭାଗ ଦୃଷ୍ଟି ଦେଇ ପଦକ୍ଷେପ ନେବା ଲାଗି ସାଧାରଣରେ ଦାବି ହୋଇଛି।


ତାରାତାରିଣୀ ପାହାଡ଼ ପାଦଦେଶ ବଣଭୋଜି ସ୍ଥଳ ଜଙ୍ଗଲଟି ଆବର୍ଜନାପୂର୍ଣ୍ଣ।

### ଖଲ୍ଲିକୋଟରୁ ଚୋରି, ଭୁବନେଶ୍ୱରରୁ ଉଦ୍ଧାର

ଖଲିକୋଟ,୧୦।୧୨(ଡି.ଏନ.ଏ.)

ଖଲିକୋଟ ଟାଉନ ନିକଟ ରେଞ୍ଜର ଅଫିସ ସମ୍ମୁଖରେ ରାସ୍ତା କାମ ପାଇଁ ରହିଥିବା ଏକ ମିକ୍ସଚର ମେସିନ ଗତ ୬ ତାରିଖରେ ଚୋରି ହୋଇଥିଲା। ଏନେଇ ଖଲିକୋଟ ଅମରେଶ୍ୱର ନଗରର ପ୍ରମୋଦ ସାହୁ ଥାନାରେ ଏତଲା ଦେଇଥିଲେ। ପୋଲିସ ଅନୁସନ୍ଧାନ କରି ମେସିନକୁ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ କେନାଲ ବନ୍ଧ ନିକଟରେ ଥିବା ଏକ କବାଡ଼ିଆ ଦୋକାନରୁ ଉଦ୍ଧାର କରିଛି। ଅଭିଯୁକ୍ତ କେନ୍ଦ୍ରାପଡ଼ା ଜିଲା ମହେନ୍ଦି ନଗରର ସୁଡାଂଶୁ ମହାନ୍ତି (୨୬) ଏବଂ କବାଡ଼ିଆ ଦୋକାନ ମାଲିକ କିଶନ ଗୁପ୍ତା (୪୮)ଙ୍କୁ ଗିରଫ କରାଯାଇଛି। ଉକ୍ତ ମେସିନକୁ ମାଲିକ ପ୍ରମୋଦ ସାହୁଙ୍କୁ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତ ସୁଡାଂଶୁ ମହାନ୍ତି ପୋଲସରା ଅଞ୍ଚଳରୁ ଏକ ମହିନ୍ଦ୍ରା ପିକଅପ୍ ଭ୍ୟାନ୍ (ନଂ ଓଡି୦୭ଏଚ୍୯୫୪୨)ରେ ମେସିନଟିକୁ ଭୁବନେଶ୍ୱର ଆଣିଥିଲେ। ସିସି ଫୁଟେଜରୁ ଚୋରି ଘଟଣାର ଜଣାପଡୁଥିଲା ବେଳେ ଏହାକୁ ଆଧାର କରି ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି।

# କେ.ଏମ୍ ଭାଲିଆସାହିରେ ଶିକ୍ଷକ–ଅଭିଭାବକ ବୈଠକ

ଆର.ଉଦୟଗିରି,୧୦।୧୨(ଡି.ଏନ୍.ଏ.)

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ କେଏମ୍ ଭାଲିଆ ସାହି ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ଅଭିଭାବକ ଏବଂ ଶିକ୍ଷୟତ୍ରୀ ଶିକ୍ଷକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମଚନ୍ଦ୍ର ଦଳବେହେରା ସଭାପତିତ୍ୱ କରି ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। କରୋନା ସମୟରେ ହୋଇଥିବା ଶିକ୍ଷାଦାନର ବାଧାପ୍ରାପ୍ତକୁ ପୂରଣ କରିବା ପାଇଁ ସରକାର ଯେଉଁ ଏଫ୍ଏଲ୍ଏନ୍ ଏବଂ ଏଲ୍ଆର୍ପି ଦୁଇଟି କାର୍ଯ୍ୟକ୍ରମ ଚଳାଇଥିଲେ ସେସବୁର ବିଶେଷ ଭାବରେ ଆଲୋଚନା କରାଯାଇଥିଲା। ସେହିପରି ବିଦ୍ୟାଳୟର ବିଭିନ୍ନ ଅସୁବିଧା ବିଷୟରେ ଆଲୋଚନା କରାଯାଇ ସମସ୍ତଙ୍କ ଦୃଷ୍ଟିଗୋଚର କରାଯାଇଥିଲା। ଉକ୍ତ ବୈଠକରେ ବିଦ୍ୟାଳୟର ସଭାପତି ସାଧୁ ଚରଣ ଦଣ୍ଡସେନା, ଶିକ୍ଷାବିତ ଆଦିକନ୍ଦ ବଣ୍ଡୁଆରାୟୀଙ୍କ ସମେତ ୮୫ ଜଣ ଅଭିଭାବକ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷକ କିଶୋର ଚନ୍ଦ୍ର ଦଣ୍ଡସେନା, ନୀଳକଣ୍ଠ ନାୟକ, ପ୍ରହ୍ଲାଦ ଶିଅଳ, ଦିଗାମ୍ବର ଦାସ, ସଞ୍ଜୟ ଗୌଡ଼, ସନ୍ତୋଷ ନାଇକ, ତାରିଣୀ ଚରଣ ମଣ୍ଡଳ, ଅସିତ କୁମାର ସାହୁ, କେଦାର ନାଥ କର, ସୁଶାନ୍ତ ସାହୁ, ପ୍ରଶାନ୍ତ ବେହେରା ଏବଂ ଶିକ୍ଷୟିତ୍ରୀ ସୁଷମା ବଣ୍ଡୁଆରାୟୀ, ମମତା ବେହେର୍ଦଳାଇ, ପ୍ରଜ୍ଞାଦୀପ୍ତା ପାଇକ, ରବିନା ଦାସ, ସୁନିତା କୁମାରୀ ଦଳାଇ, ସଙ୍ଗୀତା କୁମାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅଭିଭାବକ।

### ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ସମ୍ବର୍ଦ୍ଧନା ସମାରୋହ

ବେଗୁନିଆପଡ଼ା,୧୦।୧୨

ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ ପକ୍ଷରୁ ଗଞ୍ଜାମ ଜିଲା କୋଦଳାସ୍ଥିତ ଦଣ୍ଡିଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାହିତ୍ୟିକମାନଙ୍କ ଦ୍ୱାରା ସାହିତ୍ୟ ଉପରେ ଏକ ଆଲୋଚନା ହୋଇଥିଲା। ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ମହାସଚିବ ଦଣ୍ଡପାଣି ମହାପାତ୍ରଙ୍କ ସଂଯୋଜନା ଏବଂ ଅନୁଷ୍ଠାନର ସଭାପତି ତଥା ବିପ୍ଳବୀ କବି ପ୍ରଶାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ବିଶିଷ୍ଟ ଶ୍ରମିକ ନେତା ମାୟାଧର ନାୟକ, ସଂସ୍କୃତି ବିଶେଷଜ୍ଞ ଡ. ଭଗବାନ ଗୌଡ଼, କୋଦଳା ଏନ୍ଏସି ନଗରପାଳ ସୂର୍ଯ୍ୟ ନାରାୟଣ ନାୟକ, ଉପାଧ୍ୟକ୍ଷା ରଞ୍ଜିତା ସେଠୀ, ରମ୍ଭା ଏନ୍ଏସି ପ୍ରାକ୍ତନ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଣ୍ଡା, ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ଉପସଭାପତି ଡାକ୍ତର ଗୌରାଙ୍ଗ ରାଉତ, କାର୍ଯ୍ୟକାରୀ ସଭାପତି ଡ. ବିଦ୍ୟୁତ୍‌ପ୍ରଭା ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୋଦଳା ଅଞ୍ଚଳରେ ସାହିତ୍ୟ ଓ ସଂସ୍କୃତିର ସ୍ୱତନ୍ତ୍ରତାକୁ ନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସମାଜସେବୀ ବିଜୟ କୁମାର ଦୋରା, ଖବରଦାତା ପବିତ୍ର କୁମାର ରାଉତ, ଅବସରପ୍ରାପ୍ତ ଶିକ୍ଷକ ପଦ୍ମଚରଣ ପ୍ରଧାନ, ଯୁବ ସମାଜସେବୀ ଆଲୋକ ଶତପଥୀଙ୍କ ସମେତ ଅନ୍ୟାନ୍ୟ ପ୍ରତିଭାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରମୋଦ କୁମାର ପଣ୍ଡା, ନୀଳକଣ୍ଠ ଦାସ, ତ୍ରିନାଥ ପ୍ରଧାନଙ୍କ ସହ ଶତାଧିକ ସହିତ୍ୟପ୍ରେମୀ ଉପସ୍ଥିତ ଥିଲେ।

# ଅଙ୍ଗନୱାଡି କର୍ମୀଙ୍କ ଆନ୍ଦୋଳନକୁ ନିର୍ବାଚିତ ପ୍ରତିନିଧିଙ୍କ ସମର୍ଥନ


ଗଣଧାରଣା ସ୍ଥଳରେ ପଞ୍ଚାୟତ ପ୍ରତିନିଧି ବୃନ୍ଦ

ଦିଗପହଣ୍ଡି,୧୦।୧୨(ଡି.ଏନ୍.ଏ.)

ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ ୱାର୍କର୍ସ ଆସୋସିଏଶନ ଦିଗପହଣ୍ଡି ଶାଖା ପକ୍ଷରୁ ସ୍ଥାନୀୟ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ (ଆଇସିଡିଏସ) କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଗଣଧାରଣାକୁ ୧୮ଦିନ ବିତିଛି। ଶୁକ୍ରବାର ପଦ୍ମନାଭପୁର ସେକ୍ଟରର ସମସ୍ତ ଅଙ୍ଗନୱାଡ଼ି କର୍ମୀଙ୍କ ଧାରଣା ସ୍ଥଳରେ ସରପଞ୍ଚ ପ୍ରତିନିଧି ବି. କ୍ରିଷ୍ଣା ରାଓ ସୁବୁଦ୍ଧିଙ୍କ ନେତୃତ୍ୱରେ ଚିତ୍ରସେନ ଗୌଡ଼, ବିଶ୍ୱନାଥ ପ୍ରଧାନ, ଦେବହରି ଗୌଡ଼ ପ୍ରମୁଖ ବିଭିନ୍ନ ପଞ୍ଚାୟତ ପ୍ରତିନିଧି ପହଞ୍ଚି ଆନ୍ଦୋଳନକୁ ସମର୍ଥନ ଘୋଷଣା କରିଥିଲେ। ରାଜ୍ୟ ସଂଘର ଆହ୍ୱାନକ୍ରମେ ୮ ଦଫା ଦାବି ନେଇ ଅଙ୍ଗନୱାଡି କର୍ମୀମାନେ ବ୍ଲକ ସଭାନେତ୍ରୀ ବନିତା ପାତ୍ରଙ୍କ ନେତୃତ୍ୱରେ ଗଣଧାରଣା ଚଳାଇଛନ୍ତି। ଦାବି ପୂରଣ ହେବା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଗଣଧାରଣା ଚାଲୁରହିବ ବୋଲି ସଭାନେତ୍ରୀ ପ୍ରକାଶ କରିଛନ୍ତି।

# ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ବୈଠକ


ବୈଠକରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକ।

ରାମଗିରି,୧୦।୧୨(ଡି.ଏନ୍.ଏ.)

ଆର.ଉଦୟଗିରି ବ୍ଲକ ରାମଗିରି ଗ୍ରାମପଞ୍ଚାୟତସ୍ଥିତ ହାଟପଦା ସରକାରୀ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀ ଗୃହଠାରେ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କ ଅଭିଭାବକଙ୍କ ସହ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଶନିବାର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଏ. ଚନ୍ଦ୍ରଶେଖର ସ୍ୱାମୀଙ୍କ ସଭାପତିତ୍ୱରେ ଏବଂ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗିରିଧର ବଡ଼ନାୟକଙ୍କ ତତ୍ତ୍ୱାବଧାନରେ ବୈଠକ ହୋଇଥିଲା। ଏଥିରେ ବିଦ୍ୟାଳୟର ପିଇବା ପାଣି ବ୍ୟବସ୍ଥା, ବିଦ୍ୟାଳୟ ଶ୍ରେଣୀଗୃହ ଓ ବିଦ୍ୟାଳୟ ପରିସରରେ ପରିଷ୍କାର ପରିଚ୍ଛନ୍ନତା, ଛାତ୍ରୀଛାତ୍ରମାନଙ୍କ ଉପସ୍ଥାନ, ମୌଳିକ ସାକ୍ଷରତା ଓ ସଙ୍ଖ୍ୟାନ ଏବଂ ବିଦ୍ୟାଳୟ ନିମନ୍ତେ କିଛି ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସିଆରସିସି ରାମଚନ୍ଦ୍ର ମଣ୍ଡଳ ଏବଂ ସୁବଲଡ଼ା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ତାପସ କୁମାର ରଇତଙ୍କ ସହ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ମିନତି ରଣଜିତ, ପ୍ରମିଳା ବେହେରା, ଶିକ୍ଷକ ସିଙ୍ଗିନା ବେହେରା, ରଶ୍ମିରଞ୍ଜନ ଦଳାଇ ଓ ବ୍ରଜବନ୍ଧୁ ମଣ୍ଡଳ ଉପସ୍ଥିତ ଥିଲେ। ଶେଷରେ ସିଆର୍‌ସିସି ରାମଚନ୍ଦ୍ର ମଣ୍ଡଳ ବୈଠକରେ ଉପସ୍ଥିତ ଥିବା ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବକମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

# ସାଇଜ କାଠ ଜବତ, ୩ ଗିରଫ


ଜବତ କାଠ ସହ ଅଭିଯୁକ୍ତ

ଆସିକା,୧୦।୧୨(ଡି.ଏନ.ଏ.)

ଆସିକା–ବାଲିପଦର ମୁଖ୍ୟ ରାସ୍ତାର ସହର ଉପକଣ୍ଠ କଇଁଫୁଲିଆ ଛକ ନିକଟରୁ ଶନିବାର ଏକ ପିକଅପ ଭ୍ୟାନରୁ ସାଇଜ କାଠକୁ ଜବତ କରାଯାଇଛି। ଏହି ମାମଲାରେ ୩ଜଣଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ବଡଗଡ ଥାନା ଗାଙ୍ଗପୁର ଗ୍ରାମର ସଞ୍ଜୟ କୁମାର ସ୍ୱାଇଁ, ସନ୍ୟାସୀ ଗୌଡ ଓ ଅଜିତ ବିଷୋୟୀ। ଜବତ କାଠ ମଧ୍ୟରେ ପ୍ରାୟ ୩୦ ଘନଫୁଟର ୫୨ଖଣ୍ଡ ଶାଳ ସାଇଜ କାଠ ରହିଛି। ଏହାର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବା ବୋଲି ଜଣାପଡିଛି। ଏହି କାଠ ବୋଝେଇ ଭ୍ୟାନ ଗାଙ୍ଗପୁରଠାରୁ କବିସୂର୍ଯ୍ୟନଗର ଯାଉଥିଲା ବେଳେ ଦକ୍ଷିଣ ଘୁମୁସର ବନଖଣ୍ଡ ମୋବାଇଲ ଷ୍କ୍ୱାଡ ଓ ଆସିକା ବନ୍ୟା ବିଭାଗ କର୍ମଚାରମାନେ ଏହାକୁ ଜବତ କରିଥିବା ଆସିକା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା ସୂଚନା ଦେଇଛନ୍ତି।

# ଜୁଆ ଆଡ୍ଡାରେ ଚଢ଼ାଉ, ୫ ଗିରଫ

ଜି.ଉଦୟଗିରି,୧୦।୧୨

ଜି.ଉଦୟଗିରି ଥାନା ଅନ୍ତର୍ଗତ କଳିଙ୍ଗ ପଞ୍ଚାୟତସ୍ଥିତ ଦୁଗୁଡ଼ିପାରି ୟୁପି ସ୍କୁଲ ପରିସରରେ ଶୁକ୍ରବାର ବିଳମ୍ବିତ ରାତିରେ ପୋଲିସ ଏକ ଜୁଆ ଆଡ୍ଡାରେ ଚଢ଼ାଉ କରି ନଗଦ ୭ ହଜାର ଟଙ୍କା, ୩ଟି ମୋବାଇଲ୍ ଓ ତାସ ଜବତ କରିବା ସହ ୫ଜଣଙ୍କୁ ଗିରଫ କରିଥିବା ଏସଆଇ ଅନନ୍ତ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଏ ନେଇ ୧୫୩/୨୨ରେ ମାମଲା ରୁଜୁ କରି ତଦନ୍ତ ଦାୟିତ୍ୱ ଏଏସଆଇ ବୁଲୁ ବେହେରାଙ୍କୁ ଦିଆଯାଇଥିବା ସୂଚନା ଦେଇଛନ୍ତି।

### ତାକରଡ଼ା ପଞ୍ଚାୟତରେ ଗ୍ରାମସଭା

ବୁଗୁଡ଼ା,୧୦।୧୨(ଡି.ଏନ୍.ଏ.)

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ତାକରଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଦିଲ୍ଲୀପ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପଞ୍ଚାୟତ ବିକାଶ ଯୋଜନା ଅନ୍ତର୍ଗତ ବାର୍ଷିକ କାର୍ଯ୍ୟ ଖସଡ଼ା ୨୦୨୩–୨୪ ଅନୁସାରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପ୍ରାଣୀଧନ, ଉଦ୍ୟାନ ଆଦି ବିଭିନ୍ନ ବିଷୟରେ ଆଲୋଚନା ହୋଇ ସ୍ଥିରୀକୃତ ହୋଇଥିବା ଜଣାପଡିଛି। ଉକ୍ତ ସଭାରେ ନାଏବ ସରପଞ୍ଚ ଅନିତା ପ୍ରଧାନ, ସମିତି ସଭ୍ୟା ଜ୍ୟୋତି ନାୟକ, ତାକରଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଷ୍ଣୁଚରଣ ମହାରଣା, ଉଦ୍ୟାନ ସାଥି ରତିକାନ୍ତ ସେଠୀ, ଜିଆରଏସ୍ ବିଦ୍ୟାଧର ପାତ୍ର, ଯୋଗାଣ ସହାୟକ ସତ୍ୟନାରାୟଣ ନାୟକ, ପ୍ରାଣୀଧନ ନିରୀକ୍ଷକ ପବିତ୍ର କୁମାର ନାୟକ, ଗ୍ରାମ କୃଷି ନିରୀକ୍ଷକ ଅଶୋକ କୁମାର ସେଠୀ ପ୍ରମୁଖ ଯୋଗଦେଇଥିଲେ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବ୍ରତ କୁମାର ଗଡ଼ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରି ବିଭିନ୍ନ ଯୋଜନା ସମ୍ପର୍କରେ ବୁଝାଇଥିବା ବେଳେ ଏଥିରେ ପଞ୍ଚାୟତର ସମସ୍ତ ଗ୍ରାମର ଦୁଇ ଶହରୁ ଅଧିକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ।

# ବିଶ୍ୱ ମାନବ ଅଧିକାର ଦିବସ ପାଳିତ

ରାଇକିଆ/ବେଗୁନିଆପଡ଼ା/ଆସିକା ୧୦।୧୨(ଡି.ଏନ୍.ଏ.)

ରାଇକିଆ ସୁଧାକିରନ କଲେଜରେ ଶନିବାର ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ସୀମାଞ୍ଚଳ ଦିଗାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାନବିକ ଅଧିକାର ସମସ୍ତଙ୍କ ପାଇଁ ସମାନ ରହିଥିବା ବେଳେ ଏହା ଯେପରି କ୍ଷୁଣ୍ଣ ହେବ ନାହିଁ ଏବଂ ଏ ଦିଗରେ ବ୍ୟାପକ ସଚେତନତା ନେଇ ଆଲୋଚନା ହୋଇଥିଲା। ବିଭାଗୀୟ ଅଧ୍ୟାପକ ନିରଞ୍ଜନ କହଁର, ଦିପଞ୍ଜଳି ପ୍ରଧାନ, ଚନ୍ଦ୍ରକାନ୍ତ ମହାକୁଡ ଆଲୋଚନାଚକ୍ରରେ ଭାଗ ନେଇ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। କୋଦଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତାଲୁକା ଲିଗାଲ୍ ସର୍ଭିସେସ କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଜଜ୍ ଚିନ୍ମୟ ଗୋଛାୟତଙ୍କ ଉପସ୍ଥିତିରେ ଏହି ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଭାପତି ପୂର୍ଣ୍ଣଚନ୍ଦ୍ର ମିଶ୍ର, ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ସାହୁ, ତାରିଣୀ ପଟ୍ଟନାୟକ, ସୋମନାଥ ବେହେରା, ପ୍ରଫୁଲ୍ଲ ମିଶ୍ର, ପ୍ରଧାନ ଆଚାର୍ଯ୍ୟ, ରଜନୀକାନ୍ତ ବେହେରା, ବିଜୟାଲକ୍ଷ୍ମୀ ପଟ୍ଟନାୟକ, ସନ୍ୟାସୀ ସାହୁ, ଜର୍ମି ଅଲ୍ଲୀ ଖାଁ, ଉପସଭାପତି ବାମଦେବ ପଣ୍ଡା, ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲା କୋର୍ଟ ଜୁନିଅର କିରାଣି ଦିଲଦାର୍ ଦିଲସନ୍ ଆଲମ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆସିକା ବିଜ୍ଞାନ ମହାବିଦ୍ୟାଳୟ ଓ ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟରେ ବିଶ୍ୱ ମାନବ ଅଧିକାର ଦିବସ ପାଳନ କରାଯାଇଥିଲା। ବିଜ୍ଞାନ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ. ଜିବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁରୁଷୋତ୍ତମପୁର କଲେଜ ରାଜନିତୀ ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପକ ସମିର କୁମାର ମିଶ୍ର, ଅଧ୍ୟାପିକ ଅନିଲ କୁମାର ପ୍ରଧାନ ଏବଂ ଅଧ୍ୟାପିକା ମିନତୀ ବେହେରା ଏ ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ ମାନିବକ ଅଧିକାର ଉପଦେଷ୍ଟା ଡ. ଅଭୟ କେଶରୀ ପରିଛା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିଭଳି ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ଓମ ନାରାୟଣ ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ରାଜନିତୀ ବିଜ୍ଞାନ ମୁଖ୍ୟ ଡ. ସରୋଜ କୁମାର ଜେନା ଏହି ଦିବସର ବିଷୟ ବସ୍ତୁ, ମର୍ଯ୍ୟାଦା, ସ୍ୱାଧୀନତା ଏବଂ ନ୍ୟାୟ ସମସ୍ତଙ୍କ ପାଇଁ ଉପରେ ଆଲୋଚନା କରିଥିଲେ। ଡ. ପ୍ରମୋଦ ତିଆଡି, ସୂର୍ଯ୍ୟନାରାୟଣ ପଣ୍ଡା, ଡ. ଲକ୍ଷ୍ମଣ କୁମାର ସୋରେନ, ବାଣୀପାଣି ପାଢ଼ୀ, ଭାରତୀ ପ୍ରଧାନ, ଚାନ୍ଦିନୀ ପାଠୀ, ଶୈଳଜା ସଂଘମିତ୍ରା ବିଶ୍ୱାଳ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।



ବେଗୁନିଆପଡ଼ାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ସମ୍ବିଧାନର ମୌଳିକ ଅଧିକାର ପ୍ରତି ସଚେତନ ହେବା ଜରୁରୀ: ବିଚାରପତି

ଜି.ଉଦୟଗିରି,୧୦।୧୨

ସ୍ଥାନୀୟ କଳିଙ୍ଗ ମହାବିଦ୍ୟାଳୟ ପରିସରରେ ତାଲୁକାସ୍ତରୀୟ ଲିଗାଲ ଆଇନ କମିଟି ଆନୁକୂଲ୍ୟରେ ଆୟୋଜିତ ଅନ୍ତର୍ଜାତୀୟ ମାନବ ଅଧିକାର ଦିବସରେ ମୁଖ୍ୟ ଅତିଥି ଭାବେ ପ୍ରଥମ ଶ୍ରେଣୀ ବିଚାରପତି ପତିତପାବନ ପଣ୍ଡା ଯୋଗଦେଇ ପ୍ରତ୍ୟେକ ବ୍ୟକ୍ତି ସମ୍ବିଧାନର ନିଜ ମୌଳିକ ଅଧିକାର ଜାଣିବା ଜରୁରୀ ବୋଲି ମତବ୍ୟକ୍ତ କରିବା ସହ କିପରି ଉପଯୁକ୍ତ ନ୍ୟାୟ ପାଇପାରିବେ ସେ ଦିଗରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ସଚେତନତା କରାଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧାଂଶୁ ଶେଖର ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆନ୍ତର୍ଜାତୀୟ ମାନବ ଅଧିକାର ଦିବସରେ ମୁଖ୍ୟବକ୍ତା ଭାବେ ରାଜନୀତି ବିଜ୍ଞାନ ଅଧ୍ୟାପକ ଡ.ରାଜେଶ ବାଗ୍ ଯୋଗଦେଇ ସମ୍ବିଧାନ ପ୍ରଣେତା ଡ.ବି.ଆର ଆମ୍ବେଦକରଙ୍କ ସାମ୍ବିଧାନିକ ଅଧିକାର ସହ କିପରି ଜନସାଧାରଣ ଉପଯୁକ୍ତ ନ୍ୟାୟ ପାଇପାରିବେ ସେ ଉପରେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ସାମ୍ବାଦିକ ରାମକୃଷ୍ଣ ଚୌଧୁରୀ ଯୋଗଦେଇ ସ୍ୱାଧୀନତାର ୭୫ ବର୍ଷ ଅବସରରେ ଅମୃତ ମହୋତ୍ସବ ପାଳନ କରାଯାଉଥିଲେ ମଧ୍ୟ ବର୍ତ୍ତମାନ ସୁଧା କିଛି ଅପହଞ୍ଚ ସ୍ଥାନରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି ଭଳି ସମସ୍ୟା ଥିବାବେଳେ ଆମ ଅଧିକାର ଆମେ ସାବ୍ୟସ୍ତ କରିପାରିଲେ ମାନବ ଅଧିକାର ଦିବସର ଉଦ୍ଦେଶ୍ୟ ସାଧିତ ହୋଇପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ରମେଶ ଚନ୍ଦ୍ର ବେହେରା ମଞ୍ଚାସୀନ ଥିବାବେଳେ ପୂର୍ବରୁ ୫ଜଣ ଛାତ୍ରୀଛାତ୍ର ବିଭୁତି ଭୂଷଣ ପ୍ରଧାନ, ଦେବାଶିଷ ପ୍ରଧାନ, ରୋଜମେରୀ ନାୟକ, କାମିନୀ ପ୍ରଧାନ ଓ ସ୍ମରଣିକା ପ୍ରଧାନ ମାନବ ଅଧିକାର ଦିବସ ଉପରେ ଆଲୋକପାତ କରିଥିଲେ। ଛାତ୍ର ବିଭୁତି ଭୂଷଣ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କାର୍ଯ୍ୟକ୍ରମକୁ ତାଲୁକାସ୍ତରୀୟ ଲିଗାଲ ଆଇନ କମିଟି କିରାଣି ଅବିନାଶ ଆଚାର୍ଯ୍ୟ ପରିଚାଳନା କରିଥିଲେ।

